# NATIONAL NEWS BULLETIN (ODIA)

**3 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାଇ ଦୁଜ ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଉନ୍ମୋଚନ କଲେ ଦଳୀୟ ସଂକଳ୍ପ ପତ୍ର ।

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ୬ ଦିନିଆ ଗସ୍ତରେ ଯିବେ ।

- ଇସ୍ରାଏଲ ପକ୍ଷରୁ କେନ୍ଦ୍ରୀୟ ଗାଜାର ନୁସିରାତ ଶରଣାର୍ଥୀ ଶିବିର ଉପରେ ଆକ୍ରମଣ ଫଳରେ ୪୨ ଜଣଙ୍କର ମୃତ୍ୟୁ ।

ଏବଂ

- ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଥିବା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ୨୫ ରନ୍‌ରେ ପରାସ୍ତ କଲା ନ୍ୟୁଜିଲାଣ୍ଡ ।

# ଭାଇ ଦୁଜ

ଭାଇ ଦୂଜ ପର୍ବ ଆଜି ବେଶ୍ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହେଉଛି। ଦୀପାବଳିର ଦୁଇ ଦିନ ପରେ ପାଳନ କରାଯାଉଥିବା ଏହି ପର୍ବ ପାଞ୍ଚ ଦିନିଆ ଉତ୍ସବର ଅନ୍ତ ଘଟାଇଥାଏ। ଏହାକୁ ଦେଶର ବିଭିନ୍ନ ସ୍ଥାନରେ ଭାଇ ଫୋଟା, ଭଉଜ, ଭାଇ ଟିକା କିମ୍ବା ୟାମା ଦ୍ୱିତିଆ ଭଳି ଭିନ୍ନ ଭିନ୍ନ ନାମରେ ଲୋକମାନେ ପାଳିଥାନ୍ତି। ଏହି ଦିନ ଭଉଣୀମାନେ ନିଜ ଭାଇମାନଙ୍କ ମଥାରେ ଟିକା ଲଗାଇ ସେମାନଙ୍କ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରିଥାନ୍ତି । ଭାଇମାନେ ନିଜ ଭଉଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି।

ଭାଇ ଦୂଜ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପବିତ୍ର ପର୍ବ ଭାଇ ଭଉଣୀଙ୍କ ମଧ୍ୟରେ ସ୍ନେହକୁ ଆହୁରି ଗଭୀର କରିବ ବୋଲି ମୋଦି ସାମାଜିକ ଗଣମାଧ୍ୟମରେ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭାଇ ଦୂଜ ପର୍ବ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରେମ, ସମର୍ପଣ ଏବଂ ଭକ୍ତିର ଏହି ପର୍ବ ସମସ୍ତଙ୍କ ଜୀବନରେ ଅସୀମ ଖୁସି ଭରିଦେଉ ବୋଲି ଶ୍ରୀ ଶାହା କାମନା କରିଛନ୍ତି।

# ଝାଡ଼ଖଣ୍ଡ- ଅମିତ ଶାହା

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ରାଞ୍ଚିରେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ସଂକଳ୍ପ ପତ୍ର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ବିଜେପି

କ୍ଷମତାକୁ ଆସିଲେ ଝାଡ଼ଖଣ୍ଡରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ କିନ୍ତୁ ଆଦିବାସୀମାନେ ୟୁସିସି ପରିସରରୁ ବାହାରେ ରହିବେ। ସେ କହିଛନ୍ତି, ସାନ୍ଥାଲ ପ୍ରଗଣା ଅଞ୍ଚଳରୁ ବାଂଲାଦେଶୀ ଅନୁପ୍ରବେଶକୁ ରୋକିବା ପାଇଁ ନିୟମ ପ୍ରଣୟନ କରାଯିବ କାରଣ ଏହା ରାଜ୍ୟର ଜନସଂଖ୍ୟାକୁ ବଦଳାଇ ଦେଇଛି । ଶ୍ରୀ ଶାହା କହିଛନ୍ତି, ଆଦିବାସୀ ମହିଳାଙ୍କୁ ବିବାହ କରିବା ପରେ ଅନୁପ୍ରବେଶକାରୀମାନେ ଆଦିବାସୀଙ୍କଠାରୁ ଜମି ଛଡ଼ାଇ ନେଉଛନ୍ତି। ଆଇନ ପ୍ରଣୟନ ପରେ ଆଦିବାସୀଙ୍କ ଜମିକୁ ସେମାନଙ୍କୁ ଫେରାଇ ଦିଆଯିବ। ଗୋଗୋ-ଦିଦି ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ମାସିକ ଦୁଇ ହଜାର ୧ଶହ ଟଙ୍କା ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି। ପ୍ରତ୍ୟେକ ପରିବାରକୁ ୫ ଶହ ଟଙ୍କା ବ୍ୟୟରେ ଗୋଟିଏ ଏଲପିଜି ସିଲିଣ୍ଡର ମିଳିବା ସହ ଦୀପାବଳି ଓ ରକ୍ଷାବନ୍ଧନ ଅବସରରେ ଦୁଇଟି ମାଗଣା ସିଲିଣ୍ଡର ଦିଆଯିବ । ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ବେକାର ଯୁବକଯୁବତୀଙ୍କୁ ୨ ବର୍ଷ ପାଇଁ ମାସିକ ୨ ହଜାର ଟଙ୍କା ଲେଖାଏଁ ମିଳିବ। ୫ ବର୍ଷ ମଧ୍ୟରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଖାଲି ପଡ଼ିଥିବା ୨ ଲକ୍ଷ ୮୭ ହଜାର ସରକାରୀ ପଦବୀକୁ ଠିକ୍ ସମୟରେ ପୂରଣ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି।

## ଜୟଶଙ୍କର-ଅଷ୍ଟ୍ରେଲିଆ-ସିଙ୍ଗାପୁର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଅଷ୍ଟ୍ରେଲିଆ ଓ ସିଙ୍ଗାପୁରକୁ ୬ ଦିନିଆ ଗସ୍ତରେ ଯିବେ । ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ଠାରେ ନବନିର୍ମିତ ଭାରତର ଚତୁର୍ଥ ବାଣିଜ୍ୟିକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ । କାନ୍‌ବେରାଠାରେ ଅନୁଷ୍ଠିତ ହେବାକୁ

ଥିବା ପଞ୍ଚଦଶ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ଡକ୍ଟର ଜୟଶଙ୍କର ଏବଂ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ପେନି ୱଙ୍ଗ୍ ମିଳିତ ଭାବେ ସହ-ଅଧ୍ୟକ୍ଷତା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଷ୍ଟ୍ରେଲିଆର ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା 'ଦ୍ୱିତୀୟ ରାଇସିନା ଡାଉନ୍ ଅଣ୍ଡର'ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେବେ । ଡକ୍ଟର ଜୟଶଙ୍କର ଅଷ୍ଟ୍ରେଲିଆର ନେତୃବୃନ୍ଦ, ସାଂସଦ, ପ୍ରତିଷ୍ଠିତ ଶିଳ୍ପପତି, ଗଣମାଧ୍ୟମ, ବୁଦ୍ଧିଜୀବୀ ଏବଂ ଭାରତୀୟ ସମୁଦାୟଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଡକ୍ଟର ଜୟଶଙ୍କର ଆସନ୍ତା ୮ ତାରିଖରେ ସିଙ୍ଗାପୁର ଯିବେ। ସେଠାରେ ଅଷ୍ଟମ ଆସିଆନ୍ ଭାରତୀୟ ବୁଦ୍ଧିଜୀବୀ ନେଟ୍‌ୱାର୍କ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେବେ । ଭାରତ-ସିଙ୍ଗାପୁର ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ସେଠାକାର ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବେ ।

## କେରଳ- ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଓ ଆଇ.ଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦିନିକିଆ କେରଳ ଗସ୍ତରେ ଯାଇ ଆଜି ସକାଳେ କୋଚିରେ ପହଞ୍ଚିଛନ୍ତି। ରେଳ ଭିତ୍ତିଭୂମି, ଅମୃତ ଭାରତ ଏବଂ ପୁନଃନିର୍ମାଣାଧୀନ ଷ୍ଟେସନଗୁଡ଼ିକର କାର୍ଯ୍ୟର ସମୀକ୍ଷା କରିବା ପାଇଁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଲୁଭା'ରୁ କୋଝିକୋଡ ଅଭିମୁଖେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଗସ୍ତ ସମୟରେ କାର୍ଯ୍ୟର ଯାଞ୍ଚ କରିଥିଲେ। କୋଝିକୋଡ ରେଳ ଷ୍ଟେସନରେ ସେ ପାଲକ୍କଡ ରେଳ ଡିଭିଜନ ଦ୍ୱାରା ଆରମ୍ଭ ହୋଇଥିବା ଉନ୍ନୟନ ମୂଳକ ପ୍ରକଳ୍ପର ଆଉ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

କୋଝିକୋଡ଼ଠାରେ  ଏକ ଘରୋଇ ସମ୍ବାଦପତ୍ରର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜ୍ଞାନ ମହୋତ୍ସବକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିବେ।

## ପିଏମ୍-ଡୁମା ବୋକୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୋଟ୍‌ସ୍ୱାନାର ନବନିର୍ବାଚିତ ରାଷ୍ଟ୍ରପତି ଡୁମା ବୋକୋଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ-ବତ୍ସ୍ୱାନା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି।

## କୀର୍ତ୍ତି ବର୍ଦ୍ଧନ- ଏନ୍‌ବିଏସ୍‌ଏପି

ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ କଲମ୍ବିଆରେ ଆୟୋଜିତ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ (ସିଓପି-୧୬)ର ଷୋଡ଼ଶ ବୈଠକରେ ଭାରତର ନବୀକରଣ ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ ଅବସରରେ ଭାରତର ସରକାର ଏବଂ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ନବୀକରଣ ହୋଇଥିବା ଜୈବ ବିବିଧତା ରଣନୀତି ପରିବେଶର ଆହ୍ୱାନକୁ ସ୍ୱୀକାର କରୁଛି ଏବଂ ତାହାର ସମାଧାନ ପାଇଁ ରଣନୀତିର ରୂପରେଖ ପ୍ରସ୍ତୁତ କରୁଛି। ଏହା ଇକୋସିଷ୍ଟମ ପୁନରୁଦ୍ଧାର, ପ୍ରଜାତି ପୁନରୁଦ୍ଧାର କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀ ଦ୍ୱାରା ପରିଚାଳିତ ସଂରକ୍ଷଣ ପ୍ରୟାସ ମାଧ୍ୟମରେ ଆହ୍ୱାନର ମୁକାବିଲା କରିଥାଏ । ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ଉନ୍ନତ ଜୈବ ବିବିଧତା ରଣନୀତି ବିପର୍ଯ୍ୟସ୍ତ ପରିବେଶର ପୁନରୁଦ୍ଧାର, ଆର୍ଦ୍ରଭୂମିର ସୁରକ୍ଷା ଏବଂ ସାମୁଦ୍ରିକ

ତଥା ଉପକୂଳ ଅଞ୍ଚଳର ସ୍ଥାୟୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଉଛି । ୨୦୩୦ ସୁଦ୍ଧା ଜୈବ ବିବିଧତା ନଷ୍ଟକୁ ରୋକିବା ଏବଂ ଏହାର ମୁକାବିଲା ପାଇଁ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ରୋଡମ୍ୟାପ୍ ବୋଲି ଶ୍ରୀ ସିଂହ କହିଛନ୍ତି। ଗତ ମାସ ୩୦ ତାରିଖରେ ଏହି ଦସ୍ତାବିଜ ପ୍ରକାଶ ପାଇଥିଲା।

## ରେଲୱେ ସ୍ପେଶାଲ ଟ୍ରେନ୍

ପାର୍ବଣ ଋତୁରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ଦେଶରେ ୭ ହଜାର ୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଦିଲ୍ଲୀ-ଏନସିଆରରୁ ଆଜି ବାହାରିଥିବା ପ୍ରାୟ ୨୦ଟି ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀରୁ ଦେଶର ବିଭିନ୍ନ ସ୍ଥାନକୁ ଚଳାଚଳ କରୁଛି। ସେହି ସ୍ଥାନଗୁଡ଼ିକ ମଧ୍ୟରେ ଦରବଙ୍ଗା, ବରାଉନି, ପାଟନା, କଟରା, ମୁଜାଫରପୁର, ବଲିଆ, କାମାକ୍ଷା ଓ ଆଜମଗଡ଼ ରହିଛି।

ଲକ୍ଷ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପାଇଁ ପ୍ରତିବର୍ଷ ପର୍ବପର୍ବାଣୀ ସମୟରେ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥାଏ। ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ୨ ହଜାର ୮୦୦ ଟ୍ରେନ୍ ଚଳାଚଳ କରୁଛି। ଗତବର୍ଷ ଏହି ଋତୁରେ ପାଖାପାଖି ୪ ହଜାର ୫୦୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା।

## ଛତିଶଗଡ଼- ମାଓଇଷ୍ଟ ଆଟାକ

ଛତିଶଗଡ଼ର ସୁକମା ଜିଲ୍ଲାରେ ଆଜି ମାଓବାଦୀ ଆକ୍ରମଣରେ ୨ ଜଣ ପୁଲିସ କନଷ୍ଟେବଲ ଆହତ ହୋଇଛନ୍ତି। ଜାଗରଗୁଣ୍ଡା ସହରର ସାପ୍ତାହିକ

ବଜାରରେ ଡ୍ୟୁଟି କରୁଥିବା ବେଳେ ମାଓବାଦୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଯବାନଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ଏହି ଘଟଣାପରେ ସେହି ଅଞ୍ଚଳରେ ଖାନତଲାସୀ ଅଭିଯାନକୁ ଜୋରଦାର କରାଯାଇଛି।

## ଗାଜା ଆଟାକ

ଇସ୍ରାଏଲ ପକ୍ଷରୁ ସ୍ଥଳ ଓ ଆକାଶମାର୍ଗରୁ ବୋମାମାଡ଼ ଯୋଗୁଁ କେନ୍ଦ୍ରୀୟ ଗାଜାର ନୁସିରାତ ଶରଣାର୍ଥୀ ଶିବିରରେ ଅତିକମରେ ୪୨ ଜଣ ପାଲେଷ୍ଟାନୀୟ ପ୍ରାଣ ହରାଇଥିବା ବେଳେ ୧୫୦ରୁ ଅଧିକ ଆହତ ହୋଇଛନ୍ତି । ପାଲେଷ୍ଟାଇନ୍ ସୁରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଇସ୍ରାଏଲ ସେନା ଶୁକ୍ରବାର ସକାଳୁ ନୁସିରାତର ଶରଣାର୍ଥୀ ଶିବିର ଉପରେ ଉଭୟ ସ୍ଥଳ ଓ ଆକାଶମାର୍ଗରୁ ବୋମାମାଡ଼ କରୁଛି। ଗାଜା ସରକାରଙ୍କ ଗଣମାଧମ କାର୍ଯ୍ୟାଳୟ ଏହି ଆକ୍ରମଣକୁ ନିନ୍ଦା କରିଛି। ଶିଶୁ ଓ ମହିଳାଙ୍କ ସମେତ ସାଧାରଣ ନାଗରିକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରାଯାଉଛି ବୋଲି ଅଭିଯୋଗ କରିଛି। ଗାଜାର ସାଧାରଣ ନାଗରିକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଇସ୍ରାଏଲ ଉପରେ ଚାପ ପକାଇବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଦେଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଏକ ବିବୃତ୍ତିରେ କହିଛି, ଆତଙ୍କବାଦୀଙ୍କୁ ନିପାତ କରିବା, ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବା ଏବଂ ଅସ୍ତ୍ରଶସ୍ତ୍ର ଠାବ କରିବା ପାଇଁ ରାଫା ଏବଂ କେନ୍ଦ୍ରୀୟ ଗାଜାରେ ଅପରେସନ୍ ଜାରି ରହିଛି।

## ନ୍ୟୁଜିଲାଣ୍ଡ ଓ ଇଣ୍ଡିଆ ଟେଷ୍ଟ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଥିବା ୩ଟିକିଆ କ୍ରିକେଟ ଟେଷ୍ଟ୍ ଶୃଙ୍ଖଳାର ଅନ୍ତିମ ମ୍ୟାଚ୍‌ର ତୃତୀୟ ଦିନରେ ନ୍ୟୁଜିଲାଣ୍ଡ ଭାରତକୁ ୨୫ ରନ୍‌ରେ ପରାସ୍ତ କରିଛି। ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୩୫ ରନ୍ ଓ ଦ୍ୱିତୀୟ ଇନିଂସରେ ୧୭୪ ରନ୍ କରି ସଂଗ୍ରହ କରିଥିଲା। ପ୍ରଥମ ଇନିଂସରେ ଭାରତ ୨୬୩ ରନ୍ କରିଥିବାରୁ ଭାରତ ସମ୍ମୁଖରେ ୧୪୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ତେବେ ଦ୍ୱିତୀୟ ଇନିଂସରେ ଭାରତ ସମସ୍ତ ଓ୍ୱିକେଟ ହରାଇ ୧୨୧ ରନ୍ କରିବାରେ ସକ୍ଷମ ହୋଇଥିଲା। ଏଥିସହ ନ୍ୟୁଜିଲାଣ୍ଡ ୩-୦ରେ ସିରିଜ୍ ବିଜୟୀ ହୋଇଛି।

## ଉତ୍ତରାଖଣ୍ଡ କେଦାରନାଥ ଧାମ କ୍ଲୋଜ୍

ଉତ୍ତରାଖଣ୍ଡରେ ରୁଦ୍ରପ୍ରୟାଗ ଜିଲ୍ଲାର ପ୍ରସିଦ୍ଧ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ କେଦାରନାଥ ଧାମର ଦ୍ୱାର ଆଜି ଭାଇ ଦୂଜ ଅବସରରେ ଶୀତ ଋତୁ ପାଇଁ ସକାଳ ସାଢ଼େ ୮ଟାରୁ ବନ୍ଦ ହୋଇଛି। ଚଳିତ ବର୍ଷ କେଦାରନାଥ ଧାମରେ ୧୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କୁ ବାବାଙ୍କୁ ଦର୍ଶନ କରିଥିଲେ। ଆଜି ମନ୍ଦିରକୁ ପ୍ରାୟ ୧୦ କୁଇଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଛି। ମନ୍ଦିର ଦ୍ୱାର ବନ୍ଦ ହେବା ପରେ ବାବା କେଦାରଙ୍କ ଆନୁଷ୍ଠାନିକ ପାଲିଙ୍କି ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବାବାଙ୍କ ପାଲିଙ୍କି ଉଖିମଠସ୍ଥିତ ଓମ୍‌କାରେଶ୍ୱର ମନ୍ଦିରକୁ ବାହାରିଥିଲା। ଅନ୍ୟପକ୍ଷରେ ଉତ୍ତରକାଶୀର ଯମୁନୋତ୍ରୀ ଧାମର କବାଟ

ଆଜି ମଧ୍ୟାହ୍ନ ୧୨ଟା ୫ମିନିଟରେ ବନ୍ଦ ହୋଇଛି । ଚଳିତ ବର୍ଷ ୭ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ମନ୍ଦିର ପରିଦର୍ଶନ କରିଥିଲେ ।